# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**14 April - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଭକ୍ତି ଓ ଶ୍ରଦ୍ଧାର ସହ ପାଳନ କରାଯାଉଛି ପବିତ୍ର ମହାବିଷୁବ ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ
- ସମ୍ବିଧାନ ପ୍ରଣେତା ତଥା ସମାଜ ସଂସ୍କାରକ ବାବା ସାହେବ ଆମ୍ବେଦକରଙ୍କର ଜୟନ୍ତୀ ଅବସରରେ ଦେଶବାସୀ ଦେଲେ ବିନମ୍ର ଶ୍ରଦ୍ଧାଞ୍ଜଳି
- ଚଳିତବର୍ଷ ଅମରନାଥ ଯାତ୍ରା ପାଇଁ ଅନ୍‌ଲାଇନ୍ ନାମ ପଞ୍ଜୀକରଣ ଆସନ୍ତାକାଲିଠାରୁ ଆରମ୍ଭ

ଏବଂ

- ଉତ୍ତର ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ବାୟୁ ପ୍ରବାହିତ ହେଉଥିବାରୁ ରାଜ୍ୟରେ ବୃଦ୍ଧି ପାଉଛି ତାପମାତ୍ରା

# ମହାବିଷୁବ ସଂକ୍ରାନ୍ତି

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନ ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଓଡ଼ିଆ ପାଞ୍ଜି ହିସାବରେ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ଦିନ ଭାବେ ପାଳନ କରାଯାଇଥାଏ । ଆଜିଠାରୁ ରାଜ୍ୟରେ ନୂଆ ପାଞ୍ଜି ପ୍ରଚଳନ ଆରମ୍ଭ ହୋଇଛି।

ବିଷୁବ ସଂକ୍ରାନ୍ତିରେ ଦଣ୍ଡଯାତ୍ରା, ଚଡ଼କ ପର୍ବ, ଝାମୁଯାତ୍ରା, ହିଙ୍ଗୁଳା ଯାତ୍ରା ଏବଂ ପାଟୁଆ ଯାତ୍ରା ଆଦି ଆଜି ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଘରେ ଘରେ ଦେବଦେବୀଙ୍କ ପାଖରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି। ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ଶ୍ରୀଶ୍ରୀହନୁମାନଙ୍କର ମଧ୍ୟ ଆଜି ଜୟନ୍ତୀ। ଅଗ୍ନି ଓ ବାୟୁର ପ୍ରକୋପରୁ ରକ୍ଷା ପାଇବାପାଇଁ ଏହି ପବିତ୍ର ଦିନରେ ପ୍ରଭୁ ହନୁମାନଙ୍କର ପୂଜା କରାଯାଇଥାଏ। ଦେଶରେ ପ୍ରଭୁ ଶ୍ରୀଶ୍ରୀହନୁମାନଙ୍କର ଜୟନ୍ତୀକୁ ଭକ୍ତିଭାବରେ ହନୁମାନ ଚାଳିଶା ପାଠ ସହିତ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି ।

ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ **ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ, **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ, **ରାଜ୍ୟପାଳ** ରଘୁବର ଦାସ, **ମୁଖ୍ୟମନ୍ତ୍ରୀ** ନବୀନ ପଟ୍ଟନାୟକ ଏବଂ **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ଦେଶର ଲୋକମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଛନ୍ତି।

ପଣାସଂକ୍ରାନ୍ତି ଅବସରରେ ରାଜ୍ୟର ପୁରପଲ୍ଲୀଠାରୁ ଆରମ୍ଭ କରି ସହରର ବିଭିନ୍ନ ଦେବାଳୟଗୁଡ଼ିକରେ ଶ୍ରଦ୍ଧାଳୁମାନଙ୍କର ପୂଜାର୍ଚ୍ଚନା ଭକ୍ତିପୂତ ପରିବେଶ ସୃଷ୍ଟି କରିଛି।

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଆଜି କେତେକ ବିଶେଷ ନୀତିକାନ୍ତି ଆୟୋଜିତ ହୋଇଛି। ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିର ଚାରିଦ୍ୱାରରେ ଥିବା ମହାବୀରଙ୍କ ସମେତ ଶ୍ରୀଜଗନ୍ନାଥ ବଲ୍ଲଭ ଏବଂ ଦରିଆ ମହାବୀରଙ୍କ ନିକଟକୁ ଆଜ୍ଞାମାଳ ବିଜେ କରାଯାଇଥିଲା। ସମସ୍ତ ଜାଗାଆଖଡା ଘରଗୁଡ଼ିକରେ ବିଶେଷ ପୂଜାର୍ଚ୍ଚନା ସହ କୁସ୍ତି ଖେଳ ଅନୁଷ୍ଠିତ ହୋଇଥିଲା। ସେହିଭଳି ବାଡିଖେଳ ନାଗାନୃତ୍ୟ ଏବଂ ହନୁମାନ ପଟୁଆର ବାହାରି ସାହି ପରିକ୍ରମା କରିଥିଲା।

ଏହି ଉପଲକ୍ଷେ କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଘଟଗାଁ ମା'ତାରିଣୀ ପୀଠରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ସହ ସୁନାବେଶ ଅନୁଷ୍ଠିତ ହୋଇଛି।  ସେହିପରି ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ତାରାତାରେଣୀ ପୀଠରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରେ ୧୪ ଏବଂ ୨୧ ଦିନିଆ ଦଣ୍ଡଯାତ୍ରାର ଆଜି ଉଦ୍‌ଯାପିତ ହୋଇଯାଇଛି।

**ବୌଦ୍ଧ** ଜିଲ୍ଲାର ବିଭିନ୍ନ ସ୍ଥାନରେ ଝଣ୍ଡା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଷ୍ଠା ଏବଂ ନିଷ୍ଠାର ସହ ପାଳନ କରାଯାଉଥିବା ଦଣ୍ଡଯାତ୍ରା ମଧ୍ୟ ଆଜି ଉଦ୍‌ଯାପିତ ହୋଇଛି। **ଦେବଗଡ଼** ଜିଲ୍ଲାରେ ଏହି ଅବସରରେ ଦଣ୍ଡଯାତ୍ରା ଉଦ୍‌ଯାପନୀ ଏବଂ ମେରୁ ପର୍ବ ଅନୁଷ୍ଠିତ ହୋଇଛି।

ଶ୍ରୀଗୋପାଳଜୀଉ ମନ୍ଦିର ପରିସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା ।

**କଳାହାଣ୍ଡି** ଜିଲ୍ଲା ନର୍ଲା ବ୍ଲକ୍‌ର ରୁପ୍ରା ପଞ୍ଚାୟତର କର୍ଲାପଦର ଫୋକରଘାଟି ମା’ ତାରିଣୀ ପୀଠରେ ପଣାସଂକ୍ରାନ୍ତି ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି । ହୋମଯଜ୍ଞ, ପଣାଭୋଗ ହୋଇଥିବାବେଳେ ଆଜି ସନ୍ଧ୍ୟାରେ ମହିଳା ଦଣ୍ଡନୃତ୍ୟ ଆୟୋଜିତ ହେବ । ଆସନ୍ତାକାଲି ପୁର୍ଣ୍ଣାହୂତି ସହ ଗତ ଶୁକ୍ରବାରରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ସମାପନ ହେବ ବୋଲି ତାରେଣୀପୀଠ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି ।

## ଆମ୍ବେଦ୍‌କର ଜୟନ୍ତୀ

ଭାରତୀୟ ସମ୍ବିଧାନ ପ୍ରଣେତା ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଆଜି ୧୩୪ତମ ଜୟନ୍ତୀ । ୧୮୯୧ ମସିହା ଆଜିର ଦିନରେ ବାବାସାହେବ ମହାରାଷ୍ଟ୍ରରେ ଜନ୍ମଗ୍ରହଣ କରିଥିଲେ । ବାବାସାହେବଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ଦେଶରେ ଲାଗୁ ହୋଇଥିଲା । ଡକ୍ଟର ଆମ୍ବେଦକର ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଥିଲେ । ଦଳିତ ଏବଂ ପଛୁଆବର୍ଗର ଲୋକମାନଙ୍କର ସ୍ୱାର୍ଥରକ୍ଷା ଏବଂ ସ୍ୱାଭିମାନ ପାଇଁ ବାବାସାହେବଙ୍କର ଅବଦାନ ଅତୁଳନୀୟ । ଏହି ମହାନ୍ ନେତାଙ୍କର ଦେଶପ୍ରେମ ଏବଂ ପଛୁଆବର୍ଗର ଲୋକମାନଙ୍କର ଉତ୍‌ଥାନ ପାଇଁ ନେଇଥିବା ବଳିଷ୍ଠ ପଦକ୍ଷେପସ୍ୱରୂପ ୧୯୯୦ ମସିହାରେ ତାଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ସମ୍ମାନରେ

ସମ୍ମାନିତ କରାଯାଇଥିଲା । ଦେଶ ଏବଂ ରାଜ୍ୟର ସବୁ ସ୍ତରରେ ଆଜି ବାବାସାହେବଙ୍କର ଜୟନ୍ତୀ ପାଳନ କରାଯାଉଛି ।

**ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ ପାର୍ଲାମେଣ୍ଟ ପରିସରରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଆଜି ସକାଳେ ମାଲ୍ୟାର୍ପଣ କରିଛନ୍ତି। **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଡକ୍ଟର ଆମ୍ବେଦକରଙ୍କ ସ୍ମୃତିଚାରଣ କରି ସାମାଜିକ ଗଣମାଧ୍ୟମରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ମଧ୍ୟ ସେୟାର କରିଛନ୍ତି।

**ରାଜ୍ୟପାଳ** ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୃଥକ୍ ପୃଥକ୍ ବାର୍ତ୍ତାରେ ଡକ୍ଟର ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ରାଜ୍ୟର ବିଭିନ୍ନ ପ୍ରାନ୍ତରେ ବାବାସାହେବଙ୍କ ସ୍ମୃତି ଉଦ୍ଦେଶ୍ୟରେ କେତେକ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି।

**ଖୋର୍ଦ୍ଧା** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର ସମାରୋହରେ ବାବାସାହେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହିତ ସ୍ଥାନୀୟ ଲୋକମାନେ ଆମ୍ବେଦକରଙ୍କ ଜୀବନୀ ଉପରେ ଆଧାରିତ ଆଲୋଚନା ଚକ୍ରରେ ଭାଗ ନେଇଥିଲେ। **ଦେବଗଡ଼** ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଅନୁରୂପ କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗଙ୍କୁ ପୁରସ୍କୃତ କରାଯାଇଥିଲା। **ବୌଦ୍ଧ** ଜିଲ୍ଲା ପ୍ରଶାସନ ପକ୍ଷରୁ ବାବା ସାହେବଙ୍କର ଜୀବନାଦର୍ଶ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତାମାନେ ଆଲୋକପାତ କରିଥିଲେ। **ନୂଆପଡା**

ଜିଲ୍ଲା ଖଡିଆଲ ବ୍ଲକ୍ ଅନ୍ତର୍ଗତ ଡୁଆଁଝର ଗ୍ରାମ ନିକଟସ୍ଥ ଆମ୍ବେଦକର ଛକଠାରେ ବାବାସାହେବଙ୍କୁ ପୁଷ୍ପମାଲ୍ୟ ଅର୍ପଣ ସହିତ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଏକ ନିରବ ପ୍ରାର୍ଥନାର ଆୟୋଜନ କରାଯାଇଥିଲା ।

## ଅମରନାଥ ଯାତ୍ରା

ବାର୍ଷିକ ଅମରନାଥ ଯାତ୍ରା ଆସନ୍ତା ଜୁନ ମାସ ୨୯ ତାରିଖରୁ ଆରମ୍ଭ ହେବ ବୋଲି ଅମରନାଥ ଶ୍ରାଇନ ବୋର୍ଡ ପକ୍ଷରୁ କୁହାଯାଇଛି । ଏଥିପାଇଁ ଆସନ୍ତାକାଲିଠାରୁ ଶ୍ରଦ୍ଧାଳୁମାନେ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିପାରିବେ । ଅମରନାଥ ଶ୍ରାଇନ୍ ବୋର୍ଡର ସୂଚନା ଅନୁସାରେ, ୫୦ ଦିନ ଧରି ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରା ଆସନ୍ତା ଅଗଷ୍ଟ ୧୯ରେ ଶେଷ ହେବ ।

## ଆୟକର ରିଟର୍ଣ୍ଣ

ଯେଉଁ ବ୍ୟକ୍ତି ଏବଂ ସଂସ୍ଥା ଆୟକର ରିଟର୍ଣ୍ଣ ଫାଇଲ୍ କରିବା ପାଇଁ ଯୋଗ୍ୟ ମାତ୍ର ରିଟର୍ଣ୍ଣ ଫାଇଲ୍ କରୁନାହାନ୍ତି, ସେମାନଙ୍କୁ ରିଟର୍ଣ୍ଣ ଫାଇଲ୍ କରିବା ପାଇଁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ- ସିବିଡିଟି ପକ୍ଷରୁ ପଦକ୍ଷେପ ନିଆଯାଉଛି । ଆୟକର ବିଭାଗର ସୂଚନା ଅନୁସାରେ, ଦେଶର ୧ କୋଟି ୫୨ ଲକ୍ଷ ଲୋକଙ୍କୁ ଚିହ୍ନଟ କରାଯାଇଛି । ସେମାନେ ଯେପରି ଆୟକର ରିଟର୍ଣ୍ଣ ଦାଖଲ କରିବେ ସେଥିନିମନ୍ତେ ସିବିଡିଟି ପକ୍ଷରୁ ଆସନ୍ତାକାଲି ସୁଦ୍ଧା ଯୋଗାଯୋଗ କରିବା ପାଇଁ ଚେଷ୍ଟା ଚାଲିଛି । ସୂଚନାଯୋଗ୍ୟ, ୨୦୨୨-୨୩ ଆର୍ଥିକ

ବର୍ଷରେ ୮ କୋଟି ୯୦ ଲକ୍ଷ ଟିକସଦାତାଙ୍କ ମଧ୍ୟରୁ ୭ କୋଟି ୪୦ ଲକ୍ଷ ଟିକସଦାତା ରିଟର୍ଣ୍ଣ ଫାଇଲ୍ କରିଥିଲେ। ଟିଡିଏସ୍ କଟୁଥିଲେ ମଧ୍ୟ ୧୯ ଦଶମିକ ୭ ନିୟୁତ ଲୋକ ଆୟକର ରିଟ୍ର୍ଣ୍ଣ ଫାଇଲ୍ କରୁ ନଥିବା ଜଣାପଡିଛି।

## ପ୍ରସାରଣ ସମୟ ପରିବର୍ତ୍ତନ

ଆଗାମୀ ସାଧାରଣ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଆକାଶବାଣୀ ଜରିଆରେ ସେମାନଙ୍କର ଦଳର ଆଭିମୁଖ୍ୟ ସମ୍ବନ୍ଧରେ ପ୍ରସାରଣ କରାଯାଉଛି। ସେଥିପାଇଁ ଆସନ୍ତାକାଲି ମଧ୍ୟାହ୍ନ ଆଂଚଳିକ ସମ୍ବାଦ ସମୟରେ ପରିବର୍ତ୍ତନ କରାଯାଇଛି। ଦିନ ୨ଟା ୩୨ ମିନିଟ୍‌ରେ ପ୍ରସାରିତ ହେଉଥିବା ଆଂଚଳିକ ସମ୍ବାଦ ଅପରାହ୍ଣ ୪ଟାରେ ପ୍ରସାରଣ କରାଯିବ।

## ଅତିରିକ୍ତ ମତଦାନ କେନ୍ଦ୍ର

ରାଜ୍ୟରେ ୧୫ ଶହରୁ ଅଧିକ ମତଦାତା ଥିବା ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକପାଇଁ ଅତିରିକ୍ତ ମତଦାନ କେନ୍ଦ୍ର ଖୋଲାଯିବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଭାରତର ନିର୍ବାଚନ ଆୟୋଗ ଅନୁମୋଦନ କରିଛନ୍ତି । ଏହି ଅନୁମୋଦନ ଅନୁସାରେ ରାଜ୍ୟରେ ୨୦ଟି ଜିଲ୍ଲାରେ ୮୯ଟି ନୂଆ ମତଦାନ କେନ୍ଦ୍ର ହେବ । ଖୋର୍ଦ୍ଧା ଜିଲ୍ଲାରେ ୧୬ଟି ଅତିରିକ୍ତ ମତଦାନ କେନ୍ଦ୍ର କରାଯାଇଛି। ଏଥିମଧ୍ୟରେ ଭୁବନେଶ୍ୱର-ମଧ୍ୟ ନିର୍ବାଚନ ମଣ୍ଡଳୀରେ ଗୋଟିଏ, ଉତ୍ତରରେ ୫ଟି, ଏକାମ୍ରରେ ୯ଟି ଏବଂ

ଖୋର୍ଦ୍ଧା ବିଧାନସଭା ଅଧୀନରେ ଗୋଟିଏ ଅତିରିକ୍ତ ମତଦାନ କେନ୍ଦ୍ର ସୃଷ୍ଟି କରାଯାଇଛି । ଏହି ଚାରୋଟି ବିଧାନସଭା କ୍ଷେତ୍ରରେ ମୋଟ୍ ୯୩୨ଟି ମତଦାନ କେନ୍ଦ୍ର ଥିବାବେଳେ ଆଉ ୧୬ଟି ଅତିରିକ୍ତ ବୁଥ୍ ବୃଦ୍ଧି ହେବା ଦ୍ୱାରା ମୋଟ ବୁଥ୍ ସଂଖ୍ୟା ୯୪୮ରେ ପହଞ୍ଚିଛି ।

## ଟ୍ରେନ୍ ଚଳାଚଳ ବାତିଲ

ସମ୍ବଲପୁର ରେଳମଣ୍ଡଳ ଅଧୀନରେ ବିଭିନ୍ନ ସ୍ଥାନରେ ଭିତ୍ତିଭୂମି ବିକାଶ କାର୍ଯ୍ୟ ଚାଲୁ ରହିଥିବାରୁ କେତେକ ରୁଟ୍‌ରେ ରେଳ ଚଳାଚଳକୁ ବାତିଲ କରାଯାଇଛି । ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ୮ଟି ଟ୍ରେନ୍‌ର ଚଳାଚଳକୁ ବିଭିନ୍ନ ଦିନରେ ବାତିଲ କରାଯାଇଛି । ରାୟପୁର-ବିଶାଖାପାଟଣା-ରାୟପୁର ପାସେଞ୍ଜର ଟ୍ରେନ୍, ବିଶାଖାପାଟଣା-ଭବାନୀପାଟଣା ପାସେଞ୍ଜର ଟ୍ରେନ୍, ସମ୍ବଲପୁର-ଜୁନାଗଡ଼ ରୋଡ ପାସେଞ୍ଜର ଟ୍ରେନ୍, ରାୟପୁର-ଜୁନାଗଡ଼ ରୋଡ ପାସେଞ୍ଜର ଟ୍ରେନ୍ ଏବଂ ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଏକ୍ସପ୍ରେସ୍‌କୁ ଆସନ୍ତାକାଲିଠାରୁ ୨୪ ତାରିଖ ଯାଏ ବାତିଲ କରାଯାଇଛି । ଅନ୍ୟପକ୍ଷରେ ଭବାନୀପାଟଣା-ବିଶାଖାପାଟଣା ପାସେଞ୍ଜର ଟ୍ରେନ୍, ଜୁନାଗଡ଼ ରୋଡ-ସମ୍ବଲପୁର ପାସେଞ୍ଜର ଟ୍ରେନ୍ ଏବଂ ଜୁନାଗଡ଼ ରୋଡ-ରାୟପୁର ପାସେଞ୍ଜର ଟ୍ରେନ୍‌କୁ ଆସନ୍ତା ମଙ୍ଗଳବାରଠାରୁ ୨୫ ତାରିଖ ଯାଏଁ ବାତିଲ କରାଯିବା ନେଇ ସମ୍ବଲପୁର ରେଳମଣ୍ଡଳ ସୂଚନା ଦେଇଛି ।

## ସହିଦ ଦିବସ ପାଳନ

ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳିନ ସେବା ଉତ୍ତରାଞ୍ଚଳ ମଣ୍ଡଳ କାର୍ଯ୍ୟାଳୟ ସମ୍ବଲପୁର ପକ୍ଷରୁ ୮୦ତମ ଅଗ୍ନିଶମ ସପ୍ତାହ ଓ ସହିଦ ଦିବସ ଆଜି ପାଳିତ ହୋଇଯାଇଛି । ସମ୍ବଲପୁର ରିଜର୍ଭ ପୁଲିସ୍ ପଡିଆରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁଲିସ୍ ଆଇଜି ହିମାଂଶୁ କୁମାର ଲାଲ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ଅମର ଶହୀଦ ସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ । କର୍ତ୍ତବ୍ୟ ସମ୍ପାଦନ ବେଳେ ପ୍ରାଣ ହରାଇଥିବା ଅଗ୍ନିଶମ ସେବା କେନ୍ଦ୍ରର କର୍ମଚାରୀମାନଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ତାପମାତ୍ରା

ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହିତ ହେଉଥିବାରୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଛି । ଆଜି ଦିନ ସାଢ଼େ ଦୁଇଟା ସୁଦ୍ଧା ରାଜ୍ୟର ୯ଟି ସହରର ତାପମାତ୍ରା ୩୫ ଡ଼ିଗ୍ରୀ ଉପରେ ରହିଥିଲା । ସର୍ବାଧିକ ୩୯ ଦଶମିକ ୬ ଡ଼ିଗ୍ରୀ ସେଲସିୟସ୍ ଭୁବନେଶ୍ୱରଠାରେ ରେକର୍ଡ କରାଯାଇଛି । ଅନ୍ୟାନ୍ୟ ସ୍ଥାନଗୁଡ଼ିକ ମଧ୍ୟରେ ଚାନ୍ଦବାଲି, ଝାରସୁଗୁଡ଼ା, ରାଉରକେଲା, କେନ୍ଦୁଝର, ସମ୍ବଲପୁର, ହୀରାକୁଦ, ବାଲେଶ୍ୱର ଏବଂ ପାରାଦୀପର ତାପମାତ୍ରା ୩୫ ଡ଼ିଗ୍ରୀ ସେଲସିୟସ୍ ରୁ ଅଧିକ ଥିଲା । ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର,

କନ୍ଧମାଳରେ ତାପମାତ୍ରା ୨ରୁ ୪ ଦିନ ମଧ୍ୟରେ ୪୩ ଡିଗ୍ରୀ ଛୁଇଁବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।

*******************************